# ସତ୍ୟବାର୍ତ୍ତା

## *VOICE OF TRUTH*

November - December
2002

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# THE VOICE OF TRUTH

## CHURCH OF CHRIST
P.O. BOX.NO.80, KAKINADA,
A.P. - 533 001.
PH: 0884-2363722

**Vol. 7. November & December - 2002 (No. 6)**

**Published every two months
in Oriya Language for the Restoration of pure
New Testament Christianity**

Free! Free!! Free!!!

Study the Bible in the quiet of your own home. Enroll yourself in the BASIC BIBLE COURSE in Oriya language. Complete the Course and obtain a copy of Oriya Holy Bible absolutely free! Send your address today to:

THE DIRECTOR
**BIBLE CORRESPONDENCE COURSE**
P.O. BOX.NO.80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

VOL - VII KAKINADA NOV.-DEC.


## ଯୀଶୁଖ୍ରୀଷ୍ଟଙ୍କୁ କାହିଁକି ଆପଣ ଈଶ୍ୱରଙ୍କ ପୁତ୍ରରୂପେ ବିଶ୍ୱାସ କରିବା ଉଚିତ

## (Why you should believe that Jesus Christ is the son of God)

ଆପଣ ଯଦି ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ବିଶ୍ୱାସ କରୁ ନାହାନ୍ତି ତାହାହେଲେ ଏହି ଅଧ୍ୟାୟ ଆପଣଙ୍କ ନିମନ୍ତେ ଲିଖିତ ହୋଇଅଛି । ଅନେକ ପ୍ରମାଣ ତଥା ସାକ୍ଷ୍ୟ ଯୀଶୁଖ୍ରୀଷ୍ଟଙ୍କୁ କେବଳ ଜଣେ ମନୁଷ୍ୟ ବା ଭାବବାଦୀ ଠାରୁ ଶ୍ରେଷ୍ଠ ବୋଲି ପ୍ରମାଣିତ କରେ । ଅନ୍ୟପକ୍ଷରେ ସେ ବାକ୍ୟାନୁଯାୟୀ ଈଶ୍ୱରଙ୍କ ପୁତ୍ର ଏବଂ ଅନେକ କାରଣ ଦ୍ୱାରା ଆମ୍ଭେମାନେ ତାହାଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ପ୍ରମାଣିତ କରିପାରିବା ।

୧. ଯୀଶୁ ଆଦ୍ୟରେ ଈଶ୍ୱରଙ୍କ ସହିତ ଥିଲେ । ଆଦି ୧ : ୨୬ରେ ଏପରି ଲେଖାଯାଏ ''ଏଥିଉତ୍ତାରୁ ପରମେଶ୍ୱର କହିଲେ, ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟ ନିର୍ମାଣ କରୁଁ ।'' ଯୋହନ ୧ : ୧ରେ ଦେଖୁ ଯେ ''ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ ସେହି ବାକ୍ୟ ଈଶ୍ୱର ଥିଲେ ।'' ତତ୍ପରେ ସେ କହନ୍ତି ସେହି ବାକ୍ୟ ହିଁ ଖ୍ରୀଷ୍ଟ ଅଟନ୍ତି ।

୨. ଯୀଶୁଙ୍କ ବିଷୟରେ ଭବିଷ୍ୟତବାଣୀ ହୋଇଥିଲା । ଯିଶାଇୟ ୫୩ ଅଧ୍ୟାୟରେ ଭାବବାଦୀ ଯିଶାଇୟ ଖ୍ରୀଷ୍ଟଙ୍କ ବିଷୟରେ ତଥା ତାହାଙ୍କ ଆଗମନର ଉଦ୍ଦେଶ୍ୟ ମଧ୍ୟ ବର୍ଣ୍ଣନା କରିଅଛନ୍ତି । ପ୍ରେରିତ ୮:୩୨-୩୫ ପଦଗୁଡ଼ିକରେ ନପୁଂସକ ଯିଶାଇୟ ୫୩ ଅଧ୍ୟାୟ ଅଧ୍ୟୟନ କରୁଥିବା ବେଳେ ଫିଲିପ ତାହାଙ୍କ ନିକଟରେ ପହଞ୍ଚିଲେ ବୋଲି ଲେଖାଯାଏ । ତତ୍ପରେ ଫିଲିପ ସେହି ଅଧ୍ୟାୟ ମାଧ୍ୟମରେ ନପୁଂସକଙ୍କୁ ଖ୍ରୀଷ୍ଟଙ୍କୁ ପ୍ରଚାର କଲେ । ତଦ୍ୱାରା ଯିଶାଇୟ ଭାବବାଦୀ ଖ୍ରୀଷ୍ଟଙ୍କ ବିଷୟରେ ଭାବବାଣୀ ଏହି ଅଧ୍ୟାୟରେ ଲେଖିଅଛନ୍ତି ବୋଲି ଆମ୍ଭେମାନେ ଜାଣିପାରୁ । ଏହିପରି ଅନେକ ଖ୍ରୀଷ୍ଟଙ୍କ ସମ୍ବନ୍ଧୀୟ ଭାବବାଣୀ ପୁରାତନ ନିୟମରେ ଆମ୍ଭେମାନେ ପଢ଼ିପାରିବା ।

୩. ଯୀଶୁ କନ୍ୟା ଗର୍ଭରୁ ଜାତ । ଅର୍ଥାତ୍ ତାଙ୍କର ଜାଗତିକ ପିତା କେହି ନଥିଲେ । ଅନ୍ୟପକ୍ଷରେ ଈଶ୍ୱରହିଁ ତାଙ୍କର ପିତା ଅଟନ୍ତି । ସେ ଆପଣା ସ୍ୱର୍ଗୀୟ ପିତାଙ୍କୁ ଛାଡ଼ି ଏହି ଜଗତରେ ନମ୍ରଭାବେ ମନୁଷ୍ୟରୂପ ଧାରଣ କଲେ । କନ୍ୟା ଗର୍ଭରୁ ଜାତ ହେବା ଗୋଟିଏ ଆଶ୍ଚର୍ଯ୍ୟମୟ ଘଟଣା । ଏହା ମଧ୍ୟ ଯିଶାଇୟ ୭:୧୪ରେ ଲିଖିତ ଭାବବାଣୀର ସଫଳତା । (ମାଥିଉ ୧:୧୮-୨୫, ଯିଶା ୭:୧୪)

୪. ଯୀଶୁ ଜଣେ ସିଦ୍ଧ ପୁରୁଷ ଥିଲେ । ସମସ୍ତ ଜଗତରେ ସେ ଜଣେ ହିଁ ଶୁଦ୍ଧ ଜୀବନ ବା ପାପରହିତ ଜୀବନଯାପନ କରିଥିଲେ । ପ୍ରେରିତ ପିତରଙ୍କ ଅନୁଯାୟୀ ଆମ୍ଭେମାନେ ତାହାଙ୍କ ପଦ ଚିହ୍ନରେ ଗମନ କରିବା ଉଚିତ, ''ସେ କୌଣସି ପାପ କଲେ ନାହିଁ, କିମ୍ବା ତାହାଙ୍କ ମୁଖରେ କୌଣସି ଛଳକଥା ନଥିଲା ।'' (୧ମ ପିତର ୨:୨୨) ତାହାଙ୍କ ପାପରହିତ ଜୀବନ ସକାଶୁ ସେ ପାପୀମାନଙ୍କ ନିମନ୍ତେ ମୃତ୍ୟୁ ଭୋଗିଥିଲେ ଓ ଜଗତରେ ଆଶାର ଦୀପ ଜଳାଇଥିଲେ । (୧ମ ଯୋହନ ୩:୫) ।

୫. ଯୀଶୁ ଭାବବାଣୀଗୁଡ଼ିକ ସଫଳ କରିବା ନିମନ୍ତେ ଏ ଜଗତରେ ଜନ୍ମିଥିଲେ । ''ମୁଁ ଯେ ବ୍ୟବସ୍ଥା କି ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ଲୋପ କରିବାକୁ ଆସିଛି, ଏପରି ଭାବ ନାହିଁ, ଲୋପ କରିବାକୁ ଆସିନାହିଁ ବରଂ ସଫଳ କରିବାକୁ ଆସିଅଛି ।'' (ମାଥିଉ ୫:୧୭)

୬. ଯୀଶୁ ଅନେକ ଆଶ୍ଚର୍ଯ୍ୟକର୍ମ କରିଥିଲେ । ସେ ରୋଗୀମାନଙ୍କୁ ସୁସ୍ଥ କଲେ । ସେ ବଧିରମାନଙ୍କୁ ଶୁଣିବା ପାଇଁ, ଘୁଙ୍ଗାମାନଙ୍କୁ କଥା କହିବା ପାଇଁ, ଖଞ୍ଜମାନଙ୍କୁ ଚାଲିବା ପାଇଁ ଶକ୍ତି ଦେଇଥିଲେ । ତଥା ମୃତମାନଙ୍କୁ ଜୀବିତ କରିଥିଲେ । ସେ ସମସ୍ତ ପ୍ରକାର ରୋଗୀମାନଙ୍କୁ ସୁସ୍ଥ କଲେ, ଅନେକ ସଂଖ୍ୟକ ଜନତାକୁ ଖାଦ୍ୟ ଯୋଗାଇଥିଲେ ଏବଂ ଜଳ ଉପରେ ମଧ୍ୟ ଚାଲିଥିଲେ । ଲେଖାଯାଏ ଅନେକ ତାହାଙ୍କ ସାଧିତ ଆଶ୍ଚର୍ଯ୍ୟ କର୍ମଗୁଡ଼ିକ ଦେଖି ତାହାଙ୍କ ଠାରେ ବିଶ୍ୱାସ କଲେ ।'' (ଯୋହନ ୨:୨୩)

୭. ଯୀଶୁଙ୍କର ଶିଷ୍ୟମାନେ ତାହାଙ୍କୁ ଈଶ୍ୱରଙ୍କମ ପୁତ୍ର ବୋଲି ସ୍ୱୀକାର କରିଥିଲେ । ଶିମୋନ ପିତର କହିଲେ, ଆପଣ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର ।'' (ମାଥିଉ ୧୬:୧୬)

୮. ଯୀଶୁଙ୍କୁ, ଶୟତାନ ମଧ୍ୟ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କରିଥିଲା । ''ପୁଣି ଭୂତମାନେ ମଧ୍ୟ ଚିତ୍କାର କରୁ କରୁ ତୁମ୍ଭେ ଈଶ୍ୱରଙ୍କ ପୁତ୍ର ବୋଲି କହି ଅନେକଙ୍କ ଠାରୁ ବାହାରିଗଲେ । ଆଉ ସେ ସେମାନଙ୍କୁ ଧମକ ଦେଇ କଥା କହିବାକୁ ଦେଲେ ନାହିଁ, କାରଣ ସେ ଯେ ଖ୍ରୀଷ୍ଟ, ଏହା ସେମାନେ ଜାଣିଥିଲେ ।'' (ଲୂକ ୪:୪୧)

୯. ଅନେକେ ତାହାଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି ସ୍ୱୀକାର କଲେ । ''ତାହା ହେଲେ ଯାହାଙ୍କୁ ଈଶ୍ୱର ପବିତ୍ର କରି ଜଗତକୁ ପ୍ରେରଣ କଲେ, ତାହାଙ୍କୁ କ'ଣ ତୁମ୍ଭେମାନେ ମୁଁ ଈଶ୍ୱରଙ୍କ ପୁତ୍ର ଏହା କହିବାକୁ ତୁ ଈଶ୍ୱର ନିନ୍ଦା କରୁଅଛୁ ବୋଲି କହୁଅଛ ?'' (ଯୋହନ ୧୦:୩୬)

୧୦. ଯୀଶୁଙ୍କୁ ଈଶ୍ୱର ଆପଣା ପୁତ୍ରରୂପେ ସ୍ୱୀକାର କଲେ । ''ଏ ଆମ୍ଭର ପ୍ରିୟପୁତ୍ର

ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ, ଏହାଙ୍କ ବାକ୍ୟ ଶ୍ରବଣ କର ।'' (ମାଥିଉ ୧୭:୫)

୧୨. ଯୀଶୁ ମୃତ୍ୟୁଠାରୁ ପୁନରୁତ୍ଥିତ ହେଲେ । ''..........କିନ୍ତୁ ଧର୍ମମୟ ଆତ୍ମା ସମ୍ବନ୍ଧରେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥାନ ଦ୍ୱାରା ଈଶ୍ୱରଙ୍କ ପୁତ୍ର ବୋଲି ଶକ୍ତି ସହ ନିର୍ଦ୍ଦିଷ୍ଟ ହେଲେ ।'' (ରୋମୀ ୧:୪)

୧୩. ଯୀଶୁ ତାହାଙ୍କ ଠାରେ ବିଶ୍ୱାସ କରିବା ଲୋକମାନଙ୍କୁ ଜୀବନ ପ୍ରଦାନ କରନ୍ତି । ''କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ପୁଣି ବିଶ୍ୱାସ କରି ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ, ଏଥି ନିମନ୍ତେ ଏହି ସବୁ ଲେଖା ଯାଇଅଛି ।'' (ଯୋହନ ୨୦:୧୩)

୧୪. ଯୀଶୁ ପୁନର୍ବାର ଆସିବେ । ''ପୁଣି ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନର୍ବାର ଆସିବି ।'' (ଯୋହନ ୧୪:୩)

୧୫. ଯୀଶୁଙ୍କୁ ଜାଗତିକ ଇତିହାସ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କରେ ।

୧୬. ଯୀଶୁ ଆଜି, କାଲି ଓ ସଦା ସର୍ବଦା ଜୀବିତ ଅଟନ୍ତି ।

ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ପ୍ରମାଣିତ କରିବା ପାଇଁ ପ୍ରକୃତରେ କାଗଜ ନିଅଣ୍ଟ ହେବ । କିନ୍ତୁ ଉପର ଲିଖିତ ଅଂଶଗୁଡ଼ିକ ଉପରେ ଆପଣ ଧ୍ୟାନ ଦେବେ ବୋଲି ମୋର ଆଶା ।

ଆପଣ ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ କ'ଣ ବିଶ୍ୱାସ କରୁଅଛନ୍ତି ? ଯଦି କରିଅଛନ୍ତି ତାହାଙ୍କୁ ସ୍ୱୀକାର କର (ମାଥିଉ ୧୦:୩୨) ଏବଂ ତାହାଙ୍କ ଦ୍ୱାରା ପରିତ୍ରାଣ ପାଇବା ନିମନ୍ତେ ତାହାଙ୍କ ଆଜ୍ଞା ସବୁ ପାଳନ କର । (ପ୍ରେରିତ ୨:୩୮, ମାର୍କ ୧୬, ୧୬, କଲ ୧:୨୭) ।

- J.C. Chaote

# ପୂର୍ବଦେଶୀୟ ପଣ୍ଡିତଗଣ

## (Lessons from the wise men)

ଖ୍ରୀଷ୍ଟ ଜନ୍ମ ଦିବସ ପାଳନ ସମୟରେ 'ପୂର୍ବଦେଶୀୟ' ପଣ୍ଡିତମାନଙ୍କ କାହାଣୀ ଶୁଣିବାକୁ ପାଇଥାଉ । ଯଦିଓ ସେମାନଙ୍କ ସଂଖ୍ୟା ବାଇବଲରେ ଲିଖିତ ହୁଏ ନାହିଁ । ସେମାନେ ତିନି ପ୍ରକାର ଉପହାର ଆଣିଥିଲେ ବୋଲି ବାଇବଲ ଲିଖନରୁ ଜାଣିଥାଉ । ସେମାନଙ୍କ ସଂଖ୍ୟା ମୁଖ୍ୟ ନୁହେଁ, କିନ୍ତୁ ସେମାନଙ୍କ ଜ୍ଞାନ ଆମ୍ଭମାନଙ୍କ ଅନୁସରଣୀୟ । କେବଳ ନକ୍ଷତ୍ର ଗଣକତା ନିମନ୍ତେ ସେମାନେ ଜ୍ଞାନୀରୂପେ ପରିଗଣିତ ନହୋଇ, ସେମାନଙ୍କ ଜ୍ଞାନଯୁକ୍ତ କାର୍ଯ୍ୟ ସେମାନଙ୍କୁ ମହାନ କରିଅଛି । ପୂର୍ବଦେଶୀୟ ପଣ୍ଡିତମାନେ ଯେପରି ଜ୍ଞାନୀ ଶଲୋମନଙ୍କ କାର୍ଯ୍ୟ ପରୀକ୍ଷା

କରିଥିଲେ, ଆସ ଆମ୍ଭେମାନେ ପୂର୍ବଦେଶୀୟ ପଣ୍ଡିତମାନଙ୍କ କାର୍ଯ୍ୟ ପରୀକ୍ଷା କରି ସେମାନେ କିପରି ଓ କାହିଁକି ଜ୍ଞାନୀ ଅଟନ୍ତି ଜାଣୁ ।

## (୧) ଊର୍ଦ୍ଧ୍ୱସ୍ଥ ବିଷୟରେ ସେମାନେ ଅନୁକାରୀ ହେଲେ :

ଯେଉଁମାନେ ଊର୍ଦ୍ଧ୍ୱସ୍ଥ ବିଷୟରୁ ପ୍ରେରଣା ପ୍ରାପ୍ତ ହୁଅନ୍ତି, ସେମାନେ ପଥଭ୍ରଷ୍ଟ ହୁଅନ୍ତି ନାହିଁ । ମନୁଷ୍ୟର ସାହାଯ୍ୟ ଓ ପ୍ରେରଣା ଊର୍ଦ୍ଧ୍ୱରୁ ଆସେ (ଯିରିମିୟ ୧୦:୨୩) । ସଦାପ୍ରଭୁ ପରମେଶ୍ୱର ଅବ୍ରାହମଙ୍କୁ ଆକାଶର ତାରାଗଣ ଗଣନା କରିବାକୁ କହି, ତାହାଙ୍କ ସାହାଯ୍ୟ ଯେ ଊର୍ଦ୍ଧ୍ୱରୁ ଆସେ ତାହା ସେ ସୂଚାଇ ଥିଲେ । (ଆଦି ୧୫:୫) ଦାଉଦ କହନ୍ତି, ''ପର୍ବତଗଣ ଆଡ଼େ ମୁଁ ଊର୍ଦ୍ଧ୍ୱ ଦୃଷ୍ଟି କରିବି, କେଉଁଠାରୁ ମୋହର ସାହାଯ୍ୟ ଆସିବ ? ମୋହର ସାହାଯ୍ୟ ସଦାପ୍ରଭୁଙ୍କ ଠାରୁ ଆସେ ।'' (ଗୀତ ୧୨୧:୧,୨) ପଣ୍ଡିତମାନଙ୍କ ଊର୍ଦ୍ଧ୍ୱଦୃଷ୍ଟି ହିଁ ସେମାନଙ୍କୁ ପ୍ରଭୁଙ୍କ ପାଖକୁ କଢ଼ାଇ ଆଣିଥିଲା । ଯେଉଁମାନେ ଊର୍ଦ୍ଧ୍ୱରେ ଦୃଷ୍ଟି ନ ରଖନ୍ତି ସେମାନଙ୍କ ପଥ ସରଳ ଓ ସଳଖ ହୋଇ ପାରେନା । (୨ କରିନ୍ଥୀ ୪:୧୬-୧୮)

## (୨) ସେମାନେ ଜ୍ଞାନୀରୂପେ ପରିଗଣିତ ହେଲେ, ଯେହେତୁ ସେମାନେ ପ୍ରଭୁଙ୍କୁ ଖୋଜିଲେ :

ମନୁଷ୍ୟର ସନ୍ଧାନର ବିଷୟବସ୍ତୁ ମନୁଷ୍ୟକୁ ଜ୍ଞାନୀ ବା ମୂର୍ଖ ରୂପେ ପରିଗଣିତ କରେ । ଯେଉଁମାନେ କେବଳ ଶିକ୍ଷା, ଖ୍ୟାତି, ସମ୍ପଦ ଭୋଗ ବିଳାସ ଅନ୍ୱେଷଣ କରନ୍ତି ସେମାନେ ଜ୍ଞାନୀ ନୁହଁନ୍ତି । (ମାଥିଉ ୬:୩୩, ଯିଶାଇୟ ୫୫:୬) ଜ୍ଞାନୀମାନେ ଯାହା ଅନ୍ୱେଷଣ କରୁଥିଲେ, ତାହା ଆମ୍ଭମାନଙ୍କର ମଧ୍ୟ ଅନ୍ୱେଷଣୀୟର ବିଷୟବସ୍ତୁ ହେଉ । ଯେଉଁମାନେ ସତ୍ୟରେ ତାହାଙ୍କ ଅନ୍ୱେଷଣ କରନ୍ତି, ସେମାନଙ୍କ ଠାରୁ ପରମେଶ୍ୱର ଦୂରରେ ନାହାନ୍ତି (ଦ୍ୱି:ବି. ୪:୨୯, ଯିରିମିୟ ୨୯:୧୩, ମାଥିଉ ୭:୭)

## (୩) ସନ୍ଧାନର କାର୍ଯ୍ୟ ସେମାନେ ଅନ୍ୟମାନଙ୍କ ଉପରେ ଥୋଇନଥିଲେ :

ହେରୋଦ ରାଜାଙ୍କ ସଦୃଶ୍ୟ ସେମାନେ ଅନ୍ୟମାନଙ୍କୁ ସନ୍ଧାନର କାର୍ଯ୍ୟ ସମର୍ପି ନଥିଲେ । ଆପଣା କାର୍ଯ୍ୟ ଆପେ ନ କରି ଅନ୍ୟମାନଙ୍କ ଉପରେ ସମର୍ପିବା ଲୋକମାନଙ୍କ ନିମନ୍ତେ ହେରୋଦ ଏକ ନମୂନା ଅଟନ୍ତି ।ନିଜେ ପରୀକ୍ଷା ନ କରି ଅନ୍ୟମାନଙ୍କ ଦ୍ୱାରା ପ୍ରକଟିତ ଧର୍ମ, ଲୋକେ ବିନା ସନ୍ଦେହରେ ଗ୍ରହଣ କରିଥାନ୍ତି । କିନ୍ତୁ ପରମେଶ୍ୱରଙ୍କ ମାର୍ଗ ଅନ୍ୱେଷଣ କରି, ଅନୁସରଣ କରିବା ପ୍ରତ୍ୟେକ ମନୁଷ୍ୟର ବ୍ୟକ୍ତିଗତ କାର୍ଯ୍ୟ । (୨ ତୀମଥି ୨:୧୫, ରୋମ ୧୪:୧୨) । ଆମ୍ଭମାନଙ୍କ ନିମନ୍ତେ ଆମ୍ଭମାନଙ୍କ ପିତାମାତା, ସ୍ୱାମୀ କି ସ୍ତ୍ରୀ, କିମ୍ୱା ପ୍ରଚାରକ ପରମେଶ୍ୱରଙ୍କ ମାର୍ଗ ଅନ୍ୱେଷଣ କରି ପାରନ୍ତି ନାହିଁ । ଯିଶାଇୟ କହନ୍ତି, ''ତୁମ୍ଭେମାନେ ସଦାପ୍ରଭୁଙ୍କ ପୁସ୍ତକରୁ ଅନୁସନ୍ଧାନ କରି ପାଠ କର...... .... '' (ଯିଶାଇୟ ୩୪:୧୬) ।

ଏତଦ୍ୱାରା ଆମ୍ଭେମାନେ ଭଣ୍ଡ ଶିକ୍ଷା ଠାରୁ ଆପଣାକୁ ବଞ୍ଚିତ କରି ପାରିବା । (୧ମ ଯୋହନ ୪:୧) ବ୍ୟକ୍ତିଗତଭାବେ ଈଶ୍ୱରଙ୍କ ବାକ୍ୟ ପଠନ କରି, ଧ୍ୟାନ କରି ଖ୍ରୀଷ୍ଟଙ୍କୁ ଅନ୍ୱେଷଣ କରିବା ପ୍ରତ୍ୟେକ ନୂତନ ନିୟମ ଦ୍ୱାରା ସୁଫଳ ପ୍ରାପ୍ତ ହେବେ ।

## (୪) ସେମାନଙ୍କୁ ପ୍ରଦତ୍ତ ହୋଇଥିବା ଆଲୋକର ସେମାନେ ଅନୁସରଣ କଲେ :

ଶିଶୁ ଯୀଶୁଙ୍କ ନିକଟକୁ କଢ଼ାଇ ନେବା ନିମନ୍ତେ ନକ୍ଷତ୍ର ସେମାନଙ୍କ ନିମନ୍ତେ ଏକମାତ୍ର ପଥ ପ୍ରଦର୍ଶକ ଥିଲା । ଯୀଶୁଙ୍କ ନିକଟକୁ ଯିବା ନିମନ୍ତେ ସେମାନେ ଆପଣା ଭାବନା, କଳ୍ପନା, ବା ଅନୁଭୂତିର ସାହାଯ୍ୟ ନ ନେଇ ସେମାନଙ୍କୁ ପ୍ରଦତ୍ତ ଆଲୋକର ଅନୁସରଣ କଲେ । ପରମେଶ୍ୱରଙ୍କ ବାକ୍ୟରୂପ ଆଲୋକର ସ୍ଥାନ କେହି ଗ୍ରହଣ କରିପାରେ ନାହିଁ । ପିତା ପରମେଶ୍ୱର ପୂର୍ବଦେଶୀୟ ପଣ୍ଡିତମାନଙ୍କୁ ଯେପରି ନକ୍ଷତ୍ର ଦ୍ୱାରା ମାର୍ଗ ଦର୍ଶାଇଥିଲେ, ସେ ଆମ୍ଭମାନଙ୍କ ପ୍ରତ୍ୟେକ ନିମନ୍ତେ ପରିତ୍ରାଣର ମାର୍ଗ ଦର୍ଶାଇ ଅଛନ୍ତି । ''ଗୌରବମୟ ସୁସମାଚାରର ଆଲୋକ'' (୨ୟ କରିନ୍ଥୀ ୪:୪) ସେ ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ପ୍ରକାଶିତ କରିଅଛନ୍ତି । ପରମେଶ୍ୱରଙ୍କ ବାକ୍ୟ ଏବଂ ପ୍ରକଟ ଆମ୍ଭମାନଙ୍କ ନିମନ୍ତେ ଏକମାତ୍ର ପଥ ପ୍ରଦର୍ଶକ ଅଟେ । (ଗୀତ ୧୧୯:୧୦୫,୧୩୦) ପାପରେ ମୃତ ପ୍ରତ୍ୟେକ ବାକ୍ୟରୂପ ଆଲୋକ ସନ୍ଧାନ କରି, ସେଥିରେ ଗମନ କଲେ ପରିତ୍ରାଣ ପ୍ରାପ୍ତ ହେବେ । (୧ମ ଯୋହନ ୧:୭)

## (୫) ଶିଶୁ ଯୀଶୁଙ୍କ ନିକଟସ୍ଥ ହେବା ପର୍ଯ୍ୟନ୍ତ ସନ୍ଧାନ କରିଥିଲେ :

ସେମାନେ ପ୍ରଥମେ ଯିରୁଶାଲମକୁ ଯାତ୍ରା କଲେ, ତଥାପି ତାହାଙ୍କ ସନ୍ଧାନ ପାଇନଥିଲେ । ଯୀଶୁଙ୍କ ଜନ୍ମ ବିଷୟରେ ଧର୍ମଶାସ୍ତ୍ରଜ୍ଞମାନଙ୍କ ନିକଟରେ ସୂକ୍ଷ୍ମଭାବେ ଜାଣି, ପୁନଃର୍ବାର ଆପଣା ଯାତ୍ରା ଆରମ୍ଭ କରିଥିଲେ । ଆମ୍ଭମାନଙ୍କ ଜୀବନରେ ମଧ୍ୟ ପଥହରା ହେବାର ସମ୍ଭାବନା ଅଛି । ସେ ଯେଉଁଠାରେ ରହନ୍ତି ନାହିଁ, ସେଠାରେ ଆମ୍ଭେମାନେ କିପରି ତାହାଙ୍କ ସନ୍ଧାନ ପାଇ ପାରିବା ? ଜଗତର ଜ୍ଞାନ (୧ମ କରିନ୍ଥୀ ୧:୨୧), ମତଶାଖୀୟ ପଦ୍ଧତି କିମ୍ବା ଅନ୍ୟ କୌଣସି ଧର୍ମ ପୁସ୍ତକରେ ଖ୍ରୀଷ୍ଟଙ୍କୁ ପ୍ରାପ୍ତ ହୋଇନାହିଁ । ତାହାଙ୍କ ସନ୍ଧାନ ପାଇବା ନିମନ୍ତେ ଆମ୍ଭମାନଙ୍କୁ ବାଇବଲ ନିକଟକୁ ହିଁ ଯିବାକୁ ପଡ଼ିବ । ପୁରାତନ ନିୟମ ଓ ନୂତନ ନିୟମର ସେ ମଧ୍ୟସ୍ଥ ଅଟନ୍ତି । (ଯୋହନ ୫:୩୯) । ଈଶ୍ୱରଙ୍କ ଦ୍ୱାରା ପ୍ରକାଶିତ ଗୌରବମୟ ସୁସମାଚାର ସନ୍ଧାନ ପାଇ, ତାହାଙ୍କ ଆଲୋକର ଆଜ୍ଞାବହ ହୋଇ ମଣ୍ଡଳୀରେ ସଂଯୁକ୍ତ ନହେବା ପର୍ଯ୍ୟନ୍ତ ଆମ୍ଭେମାନେ ତାହାଙ୍କୁ ପ୍ରାପ୍ତ ହୋଇନାହୁଁ ।

## (୬) ମନୁଷ୍ୟମାନଙ୍କୁ ମାନ୍ୟ କରିବା ଠାରୁ ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବା ଶ୍ରେୟସ୍କର ବୋଲି ସେମାନେ ସାକ୍ଷ୍ୟ ଦିଅନ୍ତି :

ଶିଶୁ ଯୀଶୁଙ୍କ ସନ୍ଧାନ ପାଇବା ପରେ ହେରୋଦଙ୍କ ନିକଟକୁ ଫେରିଯିବା ନିମନ୍ତେ ହେରୋଦଙ୍କ ଆଜ୍ଞା ଥିଲା । କିନ୍ତୁ ହେରୋଦଙ୍କ ନିକଟକୁ ବାହୁଡ଼ି ନଯିବାକୁ ସ୍ୱପ୍ନରେ ପ୍ରତ୍ୟାଦେଶ ପାଇ ସେମାନେ ସ୍ୱଦେଶକୁ ପ୍ରସ୍ଥାନ କଲେ । (ମାଥିଉ ୨:୧୨) । ଯଦିଓ ହେରୋଦ ଏକ ସମ୍ଭ୍ରାନ୍ତ ରାଜା ଥିଲେ, ତାହାଙ୍କ ଆଜ୍ଞାପାଳନ ନ କରି, ସେମାନେ ପରମେଶ୍ୱରଙ୍କ ଆଜ୍ଞା ପାଳନ କରିଥିଲେ । ଆମ୍ଭେମାନେ ତଦ୍ରୂପ ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବା ଆବଶ୍ୟକ । ଆଦି ଖ୍ରୀଷ୍ଟିୟାନ ମାନେ ରାଜାଜ୍ଞା ଠାରୁ ପରମେଶ୍ୱରଙ୍କ ମାନିବା ଶ୍ରେୟସ୍କର ମଣିଲେ (ପ୍ରେରିତ ୫:୨୯) ପରମେଶ୍ୱରଙ୍କ ପ୍ରତ୍ୟେକ ଆଜ୍ଞାକୁ ମନୁଷ୍ୟ ପରିବର୍ତ୍ତନ କରିବାରେ ବ୍ୟସ୍ତ । ମନୁଷ୍ୟର ଆଜ୍ଞା ଅପେକ୍ଷା ପରମେଶ୍ୱରଙ୍କ ଆଜ୍ଞା ପାଳନକାରୀମାନେ ଜ୍ଞାନୀରୂପେ ପରିଗଣିତ ହୁଅନ୍ତି ।

## (୭) ସେମାନେ ଖ୍ରୀଷ୍ଟଙ୍କୁ ଉପାସନା କରି ଜ୍ଞାନୀ ରୂପେ ପରିଗଣିତ ହେଲେ :

ପୂର୍ବଦେଶରେ ଯୀଶୁଖ୍ରୀଷ୍ଟଙ୍କ ତାରା ଦେଖି ଯୀଶୁଖ୍ରୀଷ୍ଟଙ୍କୁ ପ୍ରଣାମ କରିବା ସେମାନଙ୍କ ଯାତ୍ରାର ମୁଖ୍ୟ ଲକ୍ଷ୍ୟ ଥିଲା । ସେମାନେ ଯୀଶୁଖ୍ରୀଷ୍ଟଙ୍କୁ ସନ୍ଧାନ ପାଇ ତାହାଙ୍କୁ ଉପାସନା କଲେ, ତାହାଙ୍କ ମାତା ମରିୟମଙ୍କୁ ନୁହେଁ । କୌଣସି ମନୁଷ୍ୟ ଅଥବା ଯୀଶୁଖ୍ରୀଷ୍ଟଙ୍କ ମାତା ମରିୟମଙ୍କୁ ଉପାସନା କରିବା ନିମନ୍ତେ ନୂତନ ନିୟମ ଅଧିକାର ଦିଏ ନାହିଁ । ମାଥିଉ ୪:୧୦ ପଦରେ ଯୀଶୁ ଆପଣା ପରୀକ୍ଷକ ଶୟତାନକୁ କହିଲେ,"..........ତୁମ୍ଭେ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରଣାମ କରିବ, ପୁଣି କେବଳ ତାହାଙ୍କର ଉପାସନା କରିବ ।

ଊର୍ଦ୍ଧ୍ୱରୁ ଆଗତ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଖ୍ରୀଷ୍ଟଙ୍କ ଉପାସନା ହିଁ ସେମାନଙ୍କ ଆତ୍ମିକ ତୃଷ୍ଣା ପରିତୃପ୍ତ କରିବ ବୋଲି ସେମାନେ ଜ୍ଞାତ ଥିଲେ । ସଂସାର ଓ ସାଂସାରିକ ବିଷୟ ଗୁଡ଼ିକ ଆମ୍ଭମାନଙ୍କ ଆତ୍ମିକ ତୃଷ୍ଣା ମେଣ୍ଟାଇବ ନାହିଁ (ମାଥିଉ ୪:୪) ଯେଉଁମାନେ ବାଇବଲରେ ବର୍ଣ୍ଣିତ ଈଶ୍ୱରଙ୍କ ଉପାସନା କରୁ ନାହାନ୍ତି ସେମାନେ ଜୀବିତ ଥିଲେ ହେଁ ମୃତ ।

## (୮) ଆପଣାର ଶ୍ରେଷ୍ଠତମ ବିଷୟ ଅର୍ପଣ କରି ସେମାନେ ଜ୍ଞାନୀରୂପେ ପରିଗଣିତ ହେଲେ :

ସେମାନେ ରାଜାଧିରାଜ ଯୀଶୁଙ୍କୁ ଆପଣାର ସର୍ବଶ୍ରେଷ୍ଠ ବିଷୟ ଅର୍ପଣ କରିଥିଲେ । କୌଣସି ଅନାବନା କିମ୍ବା ବଳିଯାଇଥିବା ଅବଶିଷ୍ଟାଂଶ ଅର୍ପଣ କରିନଥିଲେ । (୨ ଶାମୂଏଲ ୨୪:୨୪) ସେମାନଙ୍କ ଅର୍ପଣ ବାଧ୍ୟବାଧକତାରୁ ନୁହେଁ, କିନ୍ତୁ ସ୍ୱଇଚ୍ଛାକୃତ ଅର୍ପଣ ଥିଲା । ଏହିପରି ଅର୍ପଣରେ ପ୍ରଭୁ ପରମେଶ୍ୱର ତୃଷ୍ଟ ଅଟନ୍ତି । ପୂର୍ବଦେଶୀୟ ପଣ୍ଡିତମାନଙ୍କ ପରି ଆମ୍ଭେମାନେ କି ଜ୍ଞାନୀ ଅଟୁଁ ?

**- W. Douglas Harris**

# ଭୂଲ ନ କରନ୍ତୁ !
## (Don't make a mistake)

ସଦାପ୍ରଭୁ ପରମେଶ୍ୱରଙ୍କ ଦ୍ୱାରା ଏହି ବିଶ୍ୱ ସୃଷ୍ଟି ହେବା ଦିନ ବଧି ମନୁଷ୍ୟ ଭୂଲ କରି ଆସୁଛି । ସେଥି ମଧ୍ୟରେ ଅନେକ ଭୂଲର ପରିମାଣ ଗୁରୁତର । ମନୁଷ୍ୟ ଇତିହାସରେ ଏକ ସ୍ତ୍ରୀ ଦ୍ୱାରା ପ୍ରଥମ ଭୂଲ ହୋଇଥିଲା । ଆମ୍ଭମାନଙ୍କ ଆଦିମାତା ହବା ପରମେଶ୍ୱରଙ୍କ ବାକ୍ୟ ଅମାନ୍ୟ କରି ଶୟତାନର ବଶ ହୋଇଥିଲେ । (ଆଦି ୩:୬)

ପ୍ରଥମ ପିତାମାତାଙ୍କ ପ୍ରଥମ ସନ୍ତାନ କୟିନ , ଇତିହାସର ଦ୍ୱିତୀୟ ଭୂଲ କରିଥିଲେ ? ତାହାଙ୍କ ବିଷୟରେ ୧ମ ଯୋହନ ୩:୧୨ ପଦରେ ଲେଖାଯାଏ, ପାପାତ୍ମାର ସନ୍ତାନ ଯେ କୟିନ, ତାହା ପରି ହୁଅ ନାହିଁ, ସେ ଆପଣା ଭାଇକୁ ବଧ କଲା, ଆଉ ସେ ତାହାକୁ କାହିଁକି ବଧ କଲା ? କାରଣ ଏହି ଯେ, ତାହାର କାର୍ଯ୍ୟ ପାପମୟ, ଆଉ ତାହାର ଭାଇ କାର୍ଯ୍ୟ ଧର୍ମମୟ ଥିଲା ।''

ବିନାଶ ନିମନ୍ତେ ପ୍ରସ୍ତୁତ ଥିବା ସଦୋମ ନଗର ପରିତ୍ୟାଗ ନ କରି ଲୋଟଙ୍କ ଜାମାତା ମାନେ ଭୂଲ କରିଥିଲେ । ସେହି ନଗର ସହିତ ସେମାନେ ମଧ୍ୟ ବିନଷ୍ଟ ହେଲେ । ଲୋଟଙ୍କ ଭାର୍ଯ୍ୟା ପରମେଶ୍ୱରଙ୍କ ଦୂତଙ୍କ ଆଜ୍ଞା ଅମାନ୍ୟ କରି, ପଛକୁ ଦେଖି, ଲବଣ ସ୍ତମ୍ଭ ହୋଇଥିଲେ । (ଆଦି ୧୯:୧୪ ଓ ୨୬ ମ ପଦ) ।

ଶାରିରୀକ ଦୁର୍ବଳତା ଯୋଗୁଁ ଏଷୌ ଆପଣା ଜ୍ୟେଷ୍ଠାଧିକାର ବିକ୍ରୟ କରି ଭୂଲ କରିଥିଲେ । (ଆଦି ୨୫:୩୩) । ଫାରୋ ଓ ତାହାଙ୍କ ସୌନ୍ୟ ବିନା ଆହ୍ୱାନରେ ସ୍ୱଫ ସାଗରରେ ପ୍ରବେଶ କରିଥିବା ଭୂଲ ଯୋଗୁଁ ବିନଷ୍ଟ ହେଲେ ।

ମୋଶାଙ୍କ କୃତ ଭୂଲ ଯୋଗୁଁ ସେ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରି ପାରିଲେ ନାହିଁ । ସଦାପ୍ରଭୁ ପରମେଶ୍ୱର ମୋଶାଙ୍କୁ ପ୍ରସ୍ତରକୁ ଆଜ୍ଞା ଦେବାକୁ କହିଥିଲେ, କିନ୍ତୁ ସେ ପ୍ରସ୍ତରକୁ ଆଘାତ କରି ପରମେଶ୍ୱରଙ୍କ କ୍ରୋଧର ପାତ୍ର ହେଲେ । ମୋଶାଙ୍କ ଭୂଲର ପରିଣାମ ମୁଁ ପ୍ରଚାର କଲା ବେଳେ, ଯେ ପ୍ରଚାରକମାନେ ବାପ୍ତିସ୍ମ ବିଷୟରେ ଈଶ୍ୱରଙ୍କ ଆଜ୍ଞା ପାଳନ କରନ୍ତି ନାହିଁ, ସେମାନଙ୍କ ନିମନ୍ତେ ଚିନ୍ତିତ ହୁଏ । ପରମେଶ୍ୱ ର ଜଳରେ ସମାଧିରୂପ ବାପ୍ତିସ୍ମ ଆଜ୍ଞା ଦେଇଥିବା ସତ୍ତ୍ୱେ ଅନେକ ପ୍ରଚାରକ ଛିଞ୍ଚା ବାପ୍ତିସ୍ମ ଦେଉଅଛନ୍ତି । ମୁଁ ଏହିପରି ପ୍ରଚାରକ ମାନଙ୍କ ନିମନ୍ତେ ଚିନ୍ତିତ ଅଟେ ।

ଅମାଲୋକୀୟମାନଙ୍କୁ ସମ୍ପୂର୍ଣ୍ଣରୂପେ ବିନାଶ କରିବାକୁ ପରମେଶ୍ୱର ରାଜା ଶାଉଲଙ୍କୁ ଆଜ୍ଞା ଦେଇଥିଲେ । କିନ୍ତୁ ରାଜା ଶାଉଲ ଅମୋଲକୀୟ ରାଜା ଅଗଙ୍କୁ ଜୀବିତ ରଖି ଘୋର ଭୂଲ କରିଥିଲେ । ଶାଉଲଙ୍କ ସେହି ଭୂଲ ଯୋଗୁଁ ଇଶ୍ରାଏଲ ରାଜ୍ୟ ତାହାଙ୍କ ହସ୍ତରୁ ବିଚ୍ଛିନ୍ନ

ହୋଇଥିଲା । (୧ମ ଶାମୂୟେଲ ୧୫:୨୨,୨୩)

ପରମେଶ୍ୱରଙ୍କ ସିନ୍ଦୁକ ସ୍ପର୍ଶ କରିବାର ଭୂଲ ଯୋଗୁଁ ପରମେଶ୍ୱର ତତ୍‌କ୍ଷଣାତ୍ ଆଘାତ କରିଥିଲେ ଓ ସେ ସିନ୍ଦୁକ ନିକଟରେ ହିଁ ମୃତ୍ୟୁବରଣ କଲେ । (୨ ଶାମୂୟେଲ ୬:୭)

ରିହବିୟାମ, ତାହାଙ୍କ ପିତା ଶଲୋମନଙ୍କ ସମୟର ପ୍ରାଚୀନମାନଙ୍କ ମନ୍ତ୍ରଣା ଉପେକ୍ଷା କରି ଭୂଲ କରିଥିଲେ । (୧ମ ରାଜା ୧୨:୮) ବୈଥ-ଶେମୀୟ ଲୋକମାନେ ସଦାପ୍ରଭୁଙ୍କ ସିନ୍ଦୁକକୁ ଅନାଇବାରୁ ସେ ସେଦିନ ପଞ୍ଚାଶ ହଜାର ଓ ସତୁରି ଜଣକୁ ସଦାପ୍ରଭୁ ବଧ କରିଥିଲେ । ବୈଥ-ଶେମୀୟମାନଙ୍କ ଭୂଲକୁ ପ୍ରଭୁ କ୍ଷମା କରିନଥିଲେ ।

ପ୍ରେରିତ ପାଉଲଙ୍କ ଚେତନା ଅଗ୍ରାହ୍ୟ କରି ରାଜା ଅଗ୍ରିପପା ଭୂଲ କରିଥିଲେ । ସେ ପାଉଲଙ୍କୁ କହିଲେ,"ଅଳ୍ପ କଥାରେ ତ ତୁମ୍ଭେ ଆମ୍ଭକୁ ଖ୍ରୀଷ୍ଟିୟାନ କରିପାର ବୋଲି ମନେ କରୁଅଛ ?" (ପ୍ରେରିତ ୨୬:୨୮) ପାଉଲଙ୍କ ଚେତନାରେ ସେ ଭ୍ରୂକ୍ଷେପ ନ କରି ଅନନ୍ତ ଜୀବନ ହରାଇଥିଲେ । ପରମେଶ୍ୱରଙ୍କ ବାକ୍ୟ ମାନ୍ୟ ନ କରିବାରେ ମନୁଷ୍ୟମାନେ ଶୋଚନୀୟ ପ୍ରତିଫଳ ଭୋଗିଥିଲେ । ଏହି ଅଧ୍ୟାୟ ଅଧ୍ୟୟନ କରି ଆପଣ ଭୂଲ ସୁଧାରି ପରମେଶ୍ୱରଙ୍କ ଦ୍ୱାରା ସୁସଜ୍ଜିତ ପାରଦୀଶରେ ଅନନ୍ତକାଳ ବାସ କରିବେ ବୋଲି ମୁଁ ଆଶା କରେ ।

**- John Hassris**

# ସମସ୍ତ ଚିନ୍ତାର ଭାର ପ୍ରଭୁଙ୍କ ଉପରେ ପକାଅ
## (Cast all your care on the Lord)

"ତୁମ୍ଭମାନଙ୍କ ସମସ୍ତ ଚିନ୍ତାର ଭାର ତାହାଙ୍କ ଉପରେ ପକାଅ । କାରଣ ସେ ତୁମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି ।" (୧ମ ପିତର ୫:୭) ଆମ୍ଭମାନଙ୍କ ଭାର ଏତେ ଗୁରୁତର ଯେ, ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ଆମ୍ଭେ କ୍ଲାନ୍ତ ହେଉଅଛୁ । ଆମ୍ଭମାନଙ୍କ ଭାର ବହନ କରିବାର ସାହାଯ୍ୟକାରୀଙ୍କ ହସ୍ତ ଆମ୍ଭମାନଙ୍କୁ ଉପଶମ ପ୍ରଦାନ କରେ । ଆମ୍ଭମାନଙ୍କ ଜୀବନର ଭାର ଯେତେବେଳେ ଅସହ୍ୟ ହୋଇଉଠେ । ଆମ୍ଭମାନଙ୍କ ନିମନ୍ତେ ଏକ ଭାର ବହନକାରୀ ହସ୍ତ ଅଛି ବୋଲି ସର୍ବଦା ମନେ ରଖିବା ଉଚିତ । ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଆମ୍ଭମାନଙ୍କ ଦୁଃଖ, କଷ୍ଟର ସମସ୍ତ ଭାର ବହନ କରିବା ନିମନ୍ତେ ସଦା ପ୍ରସ୍ତୁତ ଅଟନ୍ତି । ଆପଣମାନଙ୍କ ଭାର ଆପଣ ଜଣେ ବହନ କରିବାର ଆବଶ୍ୟକତା ନାହିଁ । ପରମେଶ୍ୱରଙ୍କ ସାହାଯ୍ୟକାରୀ ହସ୍ତ ଆମ୍ଭମାନଙ୍କୁ ସାହାଯ୍ୟ କରିବାରେ ଲୋଇ ରଖିଅଛନ୍ତି । ସେ ଆମ୍ଭମାନଙ୍କୁ ସାହାଯ୍ୟ କରିବା

ନିମନ୍ତେ ପ୍ରତିଜ୍ଞା କରିଅଛନ୍ତି, ତେଣୁ କରି ଆପଣଙ୍କ ଦୁଃଖ, କଷ୍ଟ, କ୍ଳେଶ, ଯାତନା ସମୟରେ ତାହାଙ୍କ ନିକଟକୁ ଯିବା ନିମନ୍ତେ କୁଣ୍ଠାବୋଧ କରନ୍ତୁ ନାହିଁ । "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ମୋ' ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଜୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ' ନିକଟକୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇ, ଯେଣୁ ମୋହର ଜୁଆଳି ସହଜ ଓ ମୋହର ଭାର ଉଶ୍ୱାସ ।" (ମାଥିଉ ୧୧:୨୮-୩୦)

ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣଙ୍କ ସମସ୍ତ ଚିନ୍ତାର ଭାର ସହିତ ତାହାଙ୍କ ନିକଟକୁ ଆସିବାକୁ ଆହ୍ୱାନ ଜଣାନ୍ତି । ଆପଣଙ୍କ ଚିନ୍ତାର ଭାର ବଦଳେ ସେ ବିଶ୍ରାମ ଦେବାକୁ ଆଶ୍ୱାସନା ଦିଅନ୍ତି । ଶୟତାନର ଅନୁଚରମାନଙ୍କ ଭାର ଅପେକ୍ଷା ଯୀଶୁଖ୍ରୀଷ୍ଟ ଆପଣା ଅନୁଚରମାନଙ୍କ ଉପରେ ଥୋଉଥିବା ଭାର ଉଶ୍ୱାସ । ଲଜ୍ଜା, ଅନୁତାପ, ଦୁର୍ନୀତିରେ ଭାରଗ୍ରସ୍ତ ଲୋକମାନଙ୍କ ନିମନ୍ତେ ଶାରୀରିକ ଓ ଆତ୍ମିକ ମୃତ୍ୟୁ ସଞ୍ଚିତ ହୋଇ ରହିଅଛି । ଜ୍ଞାନୀ ଖ୍ରୀଷ୍ଟିୟାନ ଆପଣା ଆପଣା ଚିନ୍ତାର ଭାର ଆପେ ବହନ କରନ୍ତି ନାହିଁ । କାରଣ ତାହା ମୂର୍ଖତା ଅନାବଶ୍ୟକ ବୋଲି ସେ ଜାଣେ ।

ଖ୍ରୀଷ୍ଟିୟାନ ଆପଣା ଆବଶ୍ୟକତା ପ୍ରାର୍ଥନା ଦ୍ୱାରା ପରମେଶ୍ୱରଙ୍କ ଠାରେ ଜଣାନ୍ତି ଏବଂ ସେ ଆପଣା ଇଚ୍ଛାନୁଯାୟୀ ଆମ୍ଭମାନଙ୍କ ସମସ୍ତ ଆବଶ୍ୟକତା ପୂରଣ କରନ୍ତି ।

ଆମ୍ଭମାନଙ୍କ ଚିନ୍ତାର ଭାର କେହି ଜଣେ ବହନକାରୀଥିଲେ, ଆମ୍ଭମାନଙ୍କ ଜୀବନ ଆନନ୍ଦମୟ ଓ ସହଜ ହୋଇଉଠେ । ଆପଣ ଯଦି ଏବେ ପର୍ଯ୍ୟନ୍ତ ଆପଣଙ୍କ ଚିନ୍ତାର ଭାର ତାହାଙ୍କ ଉପରେ ଥୋଇ ନାହାଁନ୍ତି, ଏବେ ହିଁ ଉପଯୁକ୍ତ ସମୟ । ପ୍ରଭୁଙ୍କ ଠାରେ ବିଶ୍ୱାସ କରି, ତାହାଙ୍କ ଆଜ୍ଞାପାଳନ କର । ସେ ଆପଣଙ୍କ ସମସ୍ତ ଭାର ବହନ କରିବେ । ଯେଉଁ ସର୍ବଶକ୍ତିମାନ ପରମେଶ୍ୱର ଆମ୍ଭମାନଙ୍କ ସମସ୍ତ ଚିନ୍ତାର ଭାର ବହନ କରିବା ନିମନ୍ତେ ପ୍ରତିଜ୍ଞା କରିଅଛନ୍ତି, ତାହାଙ୍କ ଉପରେ ଆପଣା ସମସ୍ତ ଚିନ୍ତାର ଭାର ଥୋଇ, ଆନନ୍ଦ ଓ ଆଶୀର୍ବାଦ ଦାୟକ ଜୀବନଯାପନ କର ।

**- David Macy**

# ଦର୍ପଣ
## (Mirror)

ଦର୍ପଣ, ଜଗତର ସର୍ବୋତ୍କୃଷ୍ଟ ସଚ୍ଚୋଟ ବସ୍ତୁ । ଏହା କେବେ ବି ମିଥ୍ୟା କହିପାରେ ନାହିଁ । ଦର୍ପଣ ସମ୍ମୁଖରେ ଥିବା ବିଷୟର ପ୍ରତିବିମ୍ବ ଦେଖାଇବା ହିଁ ଏହାର ପ୍ରଧାନ କାର୍ଯ୍ୟ । ପ୍ରତିମ୍ବିତ ଛବି ବେଳେ ବେଳେ ଅସୁନ୍ଦର ଦେଖାଯାଏ । ଉଦାହରଣ ସ୍ୱରୂପ :- ସକାଳୁ ଖଟରୁ ଉଠିବା ପରେ ଦର୍ପଣରେ ଆମ୍ଭମାନଙ୍କ ଛବି କଦର୍ଯ୍ୟ ଦେଖାଯାଏ । ସମ୍ମୁଖରେ ଥିବା ବିଷୟର ଅବିକଳ ଛବି ଦର୍ପଣ ଆମ୍ଭମାନଙ୍କୁ ଦେଇଥାଏ । ‘‘କାରଣ ଯଦି କେହି ବାକ୍ୟର କର୍ମକାରୀ ନ ହୋଇ ଶ୍ରୋତା ମାତ୍ର ହୁଏ, ତେବେ ସେ ଦର୍ପଣରେ ଆପଣା ସ୍ୱାଭାବିକ ମୁଖ ଦର୍ଶନ କରୁଥିବା ମନୁଷ୍ୟର ତୁଲ୍ୟ । ଯେଣୁ ସେ ଆପଣାକୁ ଦେଖିଲା ଉତ୍ତାରେ ଚାଲିଯାଇ ସେ କି ପ୍ରକାର ଲୋକ, ତାହା ସେହିକ୍ଷଣି ଭୁଲିଯାଏ । କିନ୍ତୁ ଯେ ସିଦ୍ଧ, ସ୍ୱାଧୀନତାର ବ୍ୟବସ୍ଥା ପ୍ରତି ନୀରିକ୍ଷଣ କରି ସେଥିରେ ନିବିଷ୍ଟ ଥାଏ, ପୁଣି ବିସ୍ମରଣକାରୀ ଶ୍ରୋତା ମାତ୍ର ନ ହୋଇ ବରଂ କାର୍ଯ୍ୟକାରୀ ହୁଏ ସେ ଆପଣା କାର୍ଯ୍ୟରେ ଧନ୍ୟ ।’’ (ଯାକୁବ ୧:୨୩-୨୫)

ଈଶ୍ୱରଙ୍କ ବାକ୍ୟ ଦର୍ପଣ ସଦୃଶ୍ୟ । ଈଶ୍ୱରଙ୍କ ବାକ୍ୟ ପଠନ ଦ୍ୱାରା ମନୁଷ୍ୟ ଆପଣା ପ୍ରତିବିମ୍ବ ଦେଖିପାରେ । ବାକ୍ୟରେ ଲିଖିତ ବିଷୟ ଓ ଆପଣା କାର୍ଯ୍ୟକଳାପ ତୁଳନା କଲେ ଆମ୍ଭମାନଙ୍କ ଆନ୍ତରିକ ପୁରୁଷର ପ୍ରତିବିମ୍ବ ଦେଖିପାରିବା । ଯଦି ଆପଣଙ୍କ ପ୍ରତିବିମ୍ବ ଏକ ଉତ୍ତମ ଖ୍ରୀଷ୍ଟିୟାନରୂପେ ଥାଏ, ତେବେ ଆପଣ ବିଶ୍ୱସ୍ତ ଖ୍ରୀଷ୍ଟିୟାନ ଜୀବନଯାପନ କରିବା ଆବଶ୍ୟକ । ଯଦି ଆପଣଙ୍କ ପ୍ରତିବିମ୍ବ ଆପଣଙ୍କୁ ଏକ ପାପୀ ରୂପେ ସାବ୍ୟସ୍ତ କରେ, ଆପଣଙ୍କ ଜୀବନ ପରିବର୍ତ୍ତିତ ହେବା ଆବଶ୍ୟକ ।

ଈଶ୍ୱରଙ୍କ ବାକ୍ୟରୂପ ଦର୍ପଣ ଯଦି ଆପଣଙ୍କ ଜୀବନ ପରିବର୍ତ୍ତନ କରିବା ଆବଶ୍ୟକ ବୋଲି କହେ :-

- ଆପଣ ଉପେକ୍ଷା କରି ପାରନ୍ତି । କିନ୍ତୁ ଉପେକ୍ଷା କରିବା ଦ୍ୱାରା ଆପଣ ଆପଣଙ୍କ ସମସ୍ୟା ଦୂର ହେବ ନାହିଁ । ଆପଣଙ୍କ ପରିତ୍ରାଣ ଆପଣ ଉପେକ୍ଷା କଲେ ନିତ୍ୟ ଅଗ୍ନିକୁଣ୍ଡରେ ନିକ୍ଷିପ୍ତ ହେବେ ।
- ସ୍ୱଳ୍ପ ପରିବର୍ତ୍ତନ କରିପାରନ୍ତି । ଆପଣା ମନକୁ ଭୁଲାଇବା ନିମନ୍ତେ ସ୍ୱଳ୍ପ ପରିବର୍ତ୍ତନ ଆଣିବାରେ କିଛି ପ୍ରୟୋଜନ ନାହିଁ ।
- ମନ ପରିବର୍ତ୍ତନ କରନ୍ତୁ । ସ୍ୱାଧୀନତା ବ୍ୟବସ୍ଥାର ଦର୍ପଣ ଯଦି ଆପଣଙ୍କୁ ମନ ପରିବର୍ତ୍ତନ କରିବାକୁ କହୁଅଛି । ମନ ପରିବର୍ତ୍ତନ ନ କଲେ ପରିତ୍ରାଣ ପ୍ରାପ୍ତ ହେବା ଅସମ୍ଭବ ।

ଆପଣଙ୍କ ପ୍ରତିବିମ୍ବ ଆପଣଙ୍କୁ କ’ଣ କହେ ?

**- John Webster**

# ପ୍ରଭୁଙ୍କ ଠାରେ ମରଣ ଭୋଗିବା
## (How to die in the Lord)

ଯେଉଁମାନେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଠାରେ ରହି, ମୃତ୍ୟୁ ଭୋଗନ୍ତି ସେମାନଙ୍କ ନିମନ୍ତେ ଅନନ୍ତ ଆଶୀର୍ବାଦ ସଞ୍ଚିତ ହୋଇଅଛି। ''...........ଯେଉଁମାନେ ଏଣିକି ପ୍ରଭୁଙ୍କ ଠାରେ ଥାଇ ମରନ୍ତି, ସେମାନେ ଧନ୍ୟ, ହଁ, ଆତ୍ମା କହୁଅଛନ୍ତି, ସେମାନେ ଆପଣା ଆପଣା ପରିଶ୍ରମରୁ ବିଶ୍ରାମ ପ୍ରାପ୍ତ ହେବେ। କାରଣ ସେମାନଙ୍କ କର୍ମ ସେମାନଙ୍କର ଅନୁବର୍ତ୍ତୀ ହେବ।'' (ପ୍ରକାଶିତ ୧୪:୧୩) ସୁସମାଚାର ପ୍ରଚାର ନିମନ୍ତେ ପାଉଲଙ୍କୁ ମୃତ୍ୟୁଦଣ୍ଡର ଭୟ ଥିବା ସମୟରେ ସେ କହିଥିଲେ, ''କାରଣ ମୋ' ପକ୍ଷରେ ଜୀବନଧାରଣ ଖ୍ରୀଷ୍ଟ, ପୁଣି ମୃତ୍ୟୁଭୋଗ ଲାଭଜନକ ...........ମୁଁ ଦୁଇଟି ବିଷୟ ଘେନି ମହା ସମସ୍ୟାରେ ପଡ଼ିଅଛି, ଇହଲୋକରୁ ପ୍ରସ୍ଥାନ କରି ଖ୍ରୀଷ୍ଟଙ୍କ ସହିତ ରହିବାକୁ ମୋହର ଇଚ୍ଛା, କାରଣ ତାହା ଅତୀବ ଶ୍ରେୟସ୍କର, ମାତ୍ର ଶରୀରରେ ରହିବା ତୁମ୍ଭମାନଙ୍କ ନିମନ୍ତେ ଅଧିକ ଆବଶ୍ୟକ।'' (ଫିଲିପ ୧:୨୧-୨୩) ଅନନ୍ତ ଜୀବନ ପ୍ରାପ୍ତି ହିଁ ପ୍ରତ୍ୟେକ ଖ୍ରୀଷ୍ଟିୟାନର ମୂଳ ଲକ୍ଷ୍ୟ। (ତିତସ ୧:୨) ଈଶ୍ୱରଙ୍କ ବିଶ୍ୱସ୍ତ ସନ୍ତାନମାନଙ୍କ ନିମନ୍ତେ ପ୍ରଭୁଙ୍କ ସହ ଅନନ୍ତ କାଳ ବାସ କରିବା ଠାରୁ ଆନନ୍ଦର ବିଷୟ ଆଉ କିଛି ନାହିଁ। (ରୋମୀୟ ୧୫:୧୩)। ଖ୍ରୀଷ୍ଟଙ୍କ ପ୍ରେମ ଆମ୍ଭମାନଙ୍କ ଜୀବନରେ ପରିବ୍ୟାପ୍ତ ହୋଇଥିବାରୁ, ଏହି ଅଶ୍ରୁମୟ ଜୀବନର ପରେ ପରମେଶ୍ୱରଙ୍କ ସହିତ ମିଳନର ଅପେକ୍ଷାରେ ରହିଅଛୁ।

ପ୍ରଭୁଙ୍କ ଠାରେ ରହି ମରଣ ଭୋଗିବାର ଅର୍ଥ :-

୧. ସବୁବେଳେ ସତ୍ୟକୁ ପ୍ରେମ କରିବା। (ଯୋହନ ୮:୩୨)
୨. ସୁସମାଚାରର ଆଜ୍ଞାବହ ହେବା। (ରୋମୀୟ ୬:୧୬-୧୮)
୩. ବାପ୍ତିସ୍ମରେ ଖ୍ରୀଷ୍ଟଙ୍କୁ ଧାରଣ କରିବା (ଗାଲାତୀ ୩:୨୭)
୪. ବିଶ୍ୱସ୍ତଭାବେ ତାହାଙ୍କୁ ଅନୁସରଣ କରିବା। (ମାଥିଉ ୧୦:୨୨)
୫. ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କ ସହିତ ସହଭାଗିତା। (ଏବ୍ରୀ ୩:୧୩)
୬. ଶୁଦ୍ଧ ଓ ପବିତ୍ର ହୃଦୟ। (ଗୀତ ୧୧୯:୧୩୦)
୭. ପାପରୁ ଆପଣାକୁ ଦୂରରେ ରଖିବା। (ରୋମୀୟ ୬:୨୧)

ପ୍ରଭୁ ଯୀଶୁଖ୍ରୀଷ୍ଟ ଓ ତାହାଙ୍କ ସହିତ ଅସଂଖ୍ୟ ସାଧୁମାନଙ୍କ ଦର୍ଶନର ଆକାଂକ୍ଷା ଆମ୍ଭମାନଙ୍କୁ ବିଶ୍ୱସ୍ତ ଜୀବନଯାପନ କରିବାରେ ସାହାଯ୍ୟ କରେ। ମୋଶା, ଏଲିୟ, ଯିରିମିୟ, ପିତର, ପାଉଲ, ସ୍ତିଫାନ ଏବଂ ହାନ୍ନା, ପ୍ରିସ୍କିଲା, ଲୁଯିଙ୍କ ସଦୃଶ୍ୟ ସାଧୁ, ସ୍ୱାଧୀମାନଙ୍କ ସହଭାଗିତା ଆଶା କରୁଥିବା ଆମ୍ଭେମାନେ ଏହି ଜାଗତିକ ବିଷୟରେ ଆସକ୍ତ ନହୋଇ ଊର୍ଦ୍ଧ୍ୱସ୍ଥ ବିଷୟରେ ଆସକ୍ତ ହେଉ।

ବିଚାର ଦିନରେ ପ୍ରଭୁଙ୍କ ଦ୍ୱାରା ଦଣ୍ଡିତ ହେବା ଭୟଙ୍କର ବିଷୟ। ଆସ ଆମ୍ଭେମାନେ

ଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରି, ତାହାଙ୍କ ସହିତ ସହଭାଗିତାରେ ରହି ଏହି ଜାଗତିକ ମଳିନତାରୁ ଆପଣାକୁ ବଞ୍ଚିତ ରଖୁ ।

''ହେ ପ୍ରଭୁ ଯୀଶୁ ଆସ, ମୋ' ହୃଦୟରେ ବାସ କର ।''

**- Johnny Ramsey**

# ଉପାସନାରେ କରତାଳି ବାକ୍ୟଗତ କି ?

## (Is handclapping in the church scriptural ?)

ଅନେକ ମଣ୍ଡଳୀ ଉପାସନାରେ କରତାଳିର ଶବ୍ଦ ଶୁଣାଯାଏ ? ପ୍ରଚାରକଙ୍କ ବକ୍ତୃତାକୁ କରତାଳି ଦ୍ୱାରା ଅନେକ ସମ୍ମତି ଜଣାଇଥାନ୍ତି । ପ୍ରଚାରରକଙ୍କ ବକ୍ତୃତାକୁ ପ୍ରଶଂସା କରିବା ନିମନ୍ତେ ଅନେକ କରତାଳି କରନ୍ତି । ଏତଦ୍ୱାରା ସେମାନେ ଆପଣା ସମ୍ମତି ପ୍ରକାଶ କରନ୍ତି । କିନ୍ତୁ ଉପାସନାରେ କରତାଳି ବିଷୟରେ ବାକ୍ୟରେ ଲିଖିତ ହୋଇନାହିଁ । ''ବାକ୍ୟ ଯାହା କହେ ତାହା କହିବା ଓ ଯେଉଁ ବିଷୟରେ ମୌନ ରହେ ଆମ୍ଭେମାନେ ମୌନ ରହିବା'' ପ୍ରଣାଳୀ ଦ୍ୱାରା ଉପାସନାରେ କରତାଳିର ଉପଯୁକ୍ତ କି ନାହିଁ ଜାଣି ପାରିବା । ଅପର ପକ୍ଷରେ କହିବାକୁ ଗଲେ, ଯୀଶୁଖ୍ରୀଷ୍ଟ ଯାହା ଆଜ୍ଞା କରିଅଛନ୍ତି । ସେଗୁଡ଼ିକ ପାଳନ କରିବା ନିମନ୍ତେ ଆମ୍ଭମାନଙ୍କୁ ଅଧିକାର ଦେଇଅଛନ୍ତି । ଯେଉଁ ବିଷୟଗୁଡ଼ିକ ପ୍ରଭୁ ଆଜ୍ଞା କରିନାହାନ୍ତି ସେହି ବିଷୟଗୁଡ଼ିକ ଆମ୍ଭେମାନେ ତାହାଙ୍କ ଠାରୁ ବିନା ଅଧିକାର ପ୍ରାପ୍ତ କରୁଅଛୁ ବୋଲି ବୁଝିବା ଆବଶ୍ୟକ ।

ଉପାସନାରେ ଆମ୍ଭମାନେ କିପରି ସମ୍ମତି ଜଣାଇବା ? ଏହାର ଉତ୍ତର ଆମ୍ଭେମାନେ ୧ମ କରନ୍ଥୀ ୧୪:୧୬ ପଦରେ ପଢ଼ିପାରୁ । ଯାହା କହେ, ''ନତୁବା ତୁମେ ଯଦି ଆତ୍ମାଦ୍ୱାରା ଧନ୍ୟବାଦ ଦିଅ, ତେବେ ସାଧାରଣ ଲୋକ ତୁମ୍ଭ କଥା ନ ବୁଝିବାରୁ କିପରି ତୁମ୍ଭ ଧନ୍ୟବାଦରେ ''ଆମେନ୍'' କହିବ ? ପାଉଲଙ୍କ ମତରେ ଆମ୍ଭେମାନେ ''ଆମେନ୍'' କହି ଆମ୍ଭମାନଙ୍କ ସମ୍ମତି ପ୍ରକାଶ କରିଥାଉଁ । ଯଦିଓ ଉପରୋକ୍ତ ବାକ୍ୟ ଆଶ୍ଚର୍ଯ୍ୟକ୍ରିୟା ସାଧନର ଦାନ ବିଷୟରେ ଲିଖିତ ହୋଇଅଛି, ଏହି ବାକ୍ୟରୁ ଆମ୍ଭେମାନେ କିପରି ସମ୍ମତି ପ୍ରଦାନ କରୁ ଜାଣିପାରୁ ।

ଯଦି ପରମେଶ୍ୱର ''ସମ୍ମତି ପ୍ରକଟ'' କର ବୋଲି ଆଜ୍ଞା ଦେଇଥାନ୍ତେ, ଆମ୍ଭେମାନେ ଆପଣା ଆପଣା ଇଚ୍ଛାନୁଯାୟୀ ଆମ୍ଭମାନଙ୍କ ସମ୍ମତି ପ୍ରକଟ କରି ପାରିଥାନ୍ତି । କିନ୍ତୁ ପିତା ପରମେଶ୍ୱର ''ସମ୍ମତି ପ୍ରକଟ'' କର ବୋଲି ଆଜ୍ଞା ନ ଦେଇ ''ଆମେନ୍'' କହି ସମ୍ମତ ପ୍ରକଟ କର ବୋଲି ଆଜ୍ଞା ଦେଇଅଛନ୍ତି । ଏହି ସୂତ୍ର, ଆଦି ୬:୧୪ ପଦଦ୍ୱାରା ସ୍ପଷ୍ଟଭାବେ ବୁଝିପାରୁ । ସଦାପ୍ରଭୁ ପରମେଶ୍ୱର ''ତୁମ୍ଭେ ଗୋଫର କାଷ୍ଠରେ ଏକ ଜାହାଜ ନିର୍ମାଣ କର'' ବୋଲି

ନୋହଙ୍କୁ ଆଜ୍ଞା ଦେଇଥିବାରୁ, ସେହି କାଷ୍ଠ ବିନା ଅନ୍ୟ କୌଣସି କାଷ୍ଠ ଦ୍ୱାରା ଜାହାଜ ନିର୍ମାଣ କରିବାକୁ ତାହାଙ୍କୁ ଅନୁମତି ଦିଆଯାଇନଥିଲା ବୋଲି ଜାଣିପାରୁ । ଠିକ୍ ସେହିପରି ନୂତନ ନିୟମରେ ଯଦି ପରମେଶ୍ୱର "ଆମେନ୍" କହି ଆପଣା ସମ୍ମତି ପ୍ରକଟ କରିବାକୁ ଆଜ୍ଞା ଦେଇଅଛନ୍ତି, ଅନ୍ୟ କୌଣସି ଭାବରେ ଆମ୍ଭେମାନେ "ସମ୍ମତି ପ୍ରକଟ" କରିବା ସଦାପ୍ରଭୁଙ୍କ ବିରୁଦ୍ଧଚରଣ କରିବା ସମାନ । ପରମେଶ୍ୱର, "ଆମେନ୍" କହି ଆପଣା ସମ୍ମତି ପ୍ରକଟ କରିବାକୁ ଆଜ୍ଞା ଦେଇଥିବାରୁ, "କରତାଳି ଦ୍ୱାରା ଆପଣା ସମ୍ମତି ପ୍ରକଟ ନ କର" ବୋଲି ଆଜ୍ଞା ଦେବା ତାହାଙ୍କ ପକ୍ଷରେ ଅନାବଶ୍ୟକ ।

ପ୍ରେରିତ ପାଉଲ କଲସୀ ମଣ୍ଡଳୀକୁ ଲେଖନ୍ତି, "ଆଉ, ବାକ୍ୟ କି କର୍ମରେ ତୁମ୍ଭେମାନେ ଯାହା କିଛି କର, ସେ ସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ କରି ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।" (କଲସୀ ୩:୧୭) । ତାହାଙ୍କ ନାମ ଦ୍ୱାରା କରିବାର ଅର୍ଥ ତାହାଙ୍କ ଅଧିକାର ଦ୍ୱାରା କରିବା । ଅତଏବ, ଆମ୍ଭେମାନେ ଯାହା କିଛି ଉପସନାରେ କରୁ, ସମସ୍ତ ତାହାଙ୍କ ଦ୍ୱାରା ଅଧିକାର ପ୍ରାପ୍ତ ହୋଇ କରୁ । ତେବେ ପ୍ରଶ୍ନ ଉଠେ, ଉପାସନାରେ କରତାଳି କରିବା ନିମନ୍ତେ ଆମ୍ଭମାନଙ୍କୁ କି ଅଧିକାର ଦତ୍ତ ହୋଇଅଛି ? ନୂତନ ନିୟମରେ ଏ ବିଷୟରେ କିଛି ଲିଖିତ ହୋଇନାହିଁ ।

ନିମ୍ନଲିଖିତ ବିଷୟ ଆଲୋଚନା କରି ଦେଖନ୍ତୁ :-

- ସମସ୍ତ ଶାସ୍ତ୍ର ଈଶ୍ୱରଙ୍କ ଲୋକକୁ ସମସ୍ତ ଉତ୍ତମ କାର୍ଯ୍ୟରେ ସୁସଜ୍ଜିତ କରେ ।
- ନୂତନ ନିୟମରେ ଉପାସନାରେ କରତାଳି ବିଷୟରେ ଲିଖିତ ହୋଇନାହିଁ ।
- ତେଣୁ କରି ଶାସ୍ତ୍ରାନୁଯାୟୀ ଉପାସନାରେ କରତାଳି ଉତ୍ତମ କାର୍ଯ୍ୟ ନୁହେଁ ।

(୨) ଖ୍ରୀଷ୍ଟଙ୍କ ଶିକ୍ଷାର ସୀମା ଅତିକ୍ରମ ନ କରିବାକୁ ଆମ୍ଭେମାନେ ଆଜ୍ଞାପିତ ହୋଇଅଛୁ ।

- ଉପାସନାରେ କରତାଳି ବିଷୟରେ ନୂତନ ନିୟମରେ ଲିଖିତ ହୋଇନାହିଁ ।
- ଅତଏବ ଉପାସନାରେ କରତାଳି ଖ୍ରୀଷ୍ଟଙ୍କ ଶିକ୍ଷାର ସୀମା ଅତିକ୍ରମ କରିବା ସମାନ ।

(୩) "ବିଶ୍ୱାସ, ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟ ବାକ୍ୟ ଦ୍ୱାରା ହୁଏ ।" (ରୋମୀୟ ୧୦:୧୭) । "..............ଆଉ ଯାହା କିଛି ବିଶ୍ୱାସରୁ ଜାତ ହୁଏ ନାହିଁ, ତାହା ପାପ ।" (ରୋମୀୟ ୧୩:୨୩)

- ଉପାସନାରେ କରତାଳି ବିଷୟରେ ବାକ୍ୟରେ ଲିଖିତ ହୋଇନାହିଁ ।
- ଅତଏବ କରତାଳି ବିଶ୍ୱାସର କାର୍ଯ୍ୟ ହୋଇ ନଥିବାରୁ, ଏହା ପାପ ଅଟେ ।

(୪) ପରମେଶ୍ୱର ତାହାଙ୍କ ବାକ୍ୟ ଦ୍ୱାରା ..........ଆମ୍ଭମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ଆବଶ୍ୟକୀୟ ବିଷୟ ଦାନ କରିଅଛି । (୨ ପିତର ୧:୩)

- ଉପାସନାରେ କରତାଳି ବିଷୟରେ ବାକ୍ୟରେ ଲିଖିତ ହୋଇନାହିଁ ।
- ଅତଏବ, କରତାଳି ଆମ୍ଭମାନଙ୍କ ଜୀବନ ଓ ଧର୍ମ ପରାୟଣତା ନିମନ୍ତେ ଆବଶ୍ୟକୀୟ

ବିଷୟ ନୁହେଁ ।

କରତାଳି ବିଷୟରେ ପୁରାତନ ନିୟମରେ ଲିଖିତ ହୋଇଥିବାରୁ ଅନେକ ସେମାନଙ୍କ କାର୍ଯ୍ୟ ଉପଯୁକ୍ତ ବୋଲି ବିଚାର କରିଥାନ୍ତି । (ଗୀତ ୪୭:୧) କିନ୍ତୁ ତାହା ଆଜି ନୂତନ ନିୟମ ସମୟରେ ଆମ୍ଭମାନଙ୍କୁ ବର୍ତ୍ତାଏ ନାହିଁ । ପୁରାତନ ନିୟମ ଇଶ୍ରାଏଲ୍ ଗୋଷ୍ଠୀ ନିମନ୍ତେ ଦତ୍ତ ହୋଇଥିଲା, ଯାହା ଏକ ନୂତନ ଓ ଉତ୍କୃଷ୍ଟତର ନିୟମ ଦ୍ଵାରା ସ୍ଥାନାନ୍ତର କରାଯାଇଅଛି । (କଲସୀ ୨:୪, ଏବ୍ରୀ ୭:୧୨, ୮:୬-୧୩) ପୁରାତନ ନିୟମରେ ଧୂପ ଦେବା କିମ୍ବା ପଶୁବଳି ଦେବା ପ୍ରଥା ଯେପରି ନୂତନ ନିୟମରେ ପ୍ରବେଶିତ କରାଯାଇ ନାହିଁ, ଠିକ୍ ସେହିପରି ପୁରାତନ ନିୟମର କରତାଳିର ପ୍ରଥା ନୂତନ ନିୟମରେ ପ୍ରବେଶିତ କରାଯାଇନାହିଁ । ଆମ୍ଭେମାନେ ପୁରାତନ ନିୟମର ଅଧିନସ୍ଥ ନୋହୁଁ । ପୁରାତନ ନିୟମର ଧୂପ ଜଳାଇବା, ପଶୁବଳି ଦେବା ଇତ୍ୟାଦି ଯେପରି ପୋଛି ହୋଇଅଛି, କରତାଳିର ପ୍ରଥା ପୋଛି ଦିଆଯାଇଅଛି ।

କରତାଳି ଦ୍ଵାରା ପ୍ରଭୁଙ୍କ ପ୍ରଶଂସା କରିବା ମନୁଷ୍ୟର ସ୍ଵଇଚ୍ଛାକୃତ କାର୍ଯ୍ୟ ବୋଲି କେତେକ ମତ । ଆପଣା ଆପଣା ସ୍ଵଇଚ୍ଛା ମଣ୍ଡଳୀ ଉପାସନାରେ ଯୋଗ କରିବା ଦ୍ଵାରା ବିଭାଜନ ସୃଷ୍ଟି ହୋଇଥାଏ । ଆମ୍ଭେମାନେ ଆମ୍ଭମାନଙ୍କ ସ୍ଵଇଚ୍ଛା ପ୍ରଥାରେ ପରମେଶ୍ଵରଙ୍କ ଉପାସନା ନ କରି ପରମେଶ୍ଵରଙ୍କ ଇଚ୍ଛାନୁଯାୟୀ ତାହାଙ୍କ ଉପାସନା କରୁଁ । ଉପାସନା ପଦ୍ଧତିରେ ସ୍ଵଇଚ୍ଛାର କର୍ମ ଯୋଗ କରିବା ଦ୍ଵାରା ପରମେଶ୍ଵରଙ୍କ ଶିକ୍ଷାର ସୀମା ଅତିକ୍ରମ କରିଥାଉ ।

ନୂତନ ନିୟମରେ ଯେଉଁ ଉପାସନାର ପ୍ରଣାଳୀ ପ୍ରକଟ କରାଯାଇଅଛି, ତାହା ଦ୍ଵାରା ଆମ୍ଭେମାନେ ପରମେଶ୍ଵରଙ୍କ ଉପାସନା କରୁ । କରତାଳି, ଉପାସନାର ଏକ ଭାଗରୂପେ ନୂତନ ନିୟମରେ ଲିଖିତ ହୋଇନାହିଁ । ତେଣୁ କରି, ପରମେଶ୍ଵରଙ୍କ ସନ୍ତୋଷଯୁକ୍ତ ହେବା ନିମନ୍ତେ, ଆମ୍ଭେମାନେ ଉପାସନାରେ କରତାଳି ଯୋଗ ନ କରୁ । ତାହାଙ୍କ ଆଜ୍ଞା ଯେପରି ଆମ୍ଭେମାନେ ଶ୍ରଦ୍ଧା ଓ ସମ୍ମାନ ସହ ପାଳନ କରୁ, ଏହା ପରମେଶ୍ଵର ଇଚ୍ଛା କରନ୍ତି । ତାହାଙ୍କ ଆଜ୍ଞାରେ ଯୋଗ ଓ ବିୟୋଗ କରି ତାହାଙ୍କ କ୍ରୋଧର ପାତ୍ର ନ ହେଉ । ''ଯେଉଁମାନେ ଏହି ପୁସ୍ତକର ଭାବବାଣୀସବୁ ଶ୍ରବଣ କରନ୍ତି, ସେମାନଙ୍କର ପ୍ରତ୍ୟେକ ଜଣକୁ ମୁଁ ସାକ୍ଷ୍ୟ ଦେଇ କହୁଛି, କେହି ଯଦି ଏହିସବୁ ସଙ୍ଗରେ କିଛି ଯୋଗ କରେ, ତେବେ ଏହି ପୁସ୍ତକରେ ଲିଖିତ କ୍ଳେଶଗୁଡ଼ିକ ଈଶ୍ଵର ତାହା ପ୍ରତି ଘଟାଇବେ । ପୁଣି କେହି ଯଦି ଭାବବାଣୀ ପୁସ୍ତକର କୌଣସି ବାକ୍ୟ ଲୋପ କରେ, ତେବେ ଈଶ୍ଵର ଏହି ପୁସ୍ତକରେ ଲିଖିତ ଜୀବନବୃକ୍ଷ ଓ ପବିତ୍ର ନଗରରେ ତାହାର ଅଂଶ ଲୋପ କରିବେ ।'' (ପ୍ରକାଶିତ ୨୨:୧୮,୧୯) । ଈଶ୍ଵରଙ୍କ ବାକ୍ୟରେ ଯୋଗ ବା ବିୟୋଗର ମୂଲ୍ୟ କେତେ ଆଲୋଚନା କରି ଦେଖନ୍ତୁ !

**- TFW**

# ବିଚାରଦିନ

ଆଗାମୀ ବିଚାରଦିନ ବିଷୟରେ ଅନେକେ ବିଶ୍ୱାସ କରନ୍ତି ନାହିଁ । ନୋହଙ୍କ ସମୟରେ ମହାବନ୍ୟା ଆସିବା ପର୍ଯ୍ୟନ୍ତ ରକ୍ଷା ପାଇବା ନିମନ୍ତେ ଆଉ କିଛି ମାର୍ଗ ନଥିଲା । ସେମାନେ ବର୍ଷାରେ କିମ୍ବା ବନ୍ୟାରେ ସମଗ୍ର ଜୀବରାଶି ବିନଷ୍ଟ ହେବେ ବୋଲି କଳ୍ପନା କରୁନଥିଲେ । ମହାବନ୍ୟା ବିଷୟରେ ସେମାନେ ପରମେଶ୍ୱରଙ୍କ ପ୍ରଚାରକ ନୋହଙ୍କ ଦ୍ୱାରା ସତର୍କ ପାଇଥିଲେ ସୁଦ୍ଧା, ତାହାଙ୍କ ବାକ୍ୟରେ ସେମାନେ ଭ୍ରୁକ୍ଷେପ କରିନଥିଲେ । ସେମାନଙ୍କ ଅବିଶ୍ୱାସତା ଯୋଗୁଁ ସେମାନେ ମହାବନ୍ୟାରେ ବୁଡ଼ି ବିନଷ୍ଟ ହେଲେ ।

ବାଇବଲ କହେ, ''କାରଣ ଭଲ ହେଉ ବା ମନ୍ଦ ହେଉ, ପ୍ରତ୍ୟେକ ଜଣ ଆପଣା ଶରୀର ଦ୍ୱାରା କୃତ କର୍ମାନୁସାରେ ଫଳ ପାଇବା ନିମନ୍ତେ ଖ୍ରୀଷ୍ଟଙ୍କ ବିଚାରାସନ ଛାମୁରେ ଆମ୍ଭ ସମସ୍ତଙ୍କୁ ପ୍ରକାଶିତ ହେବାକୁ ହେବ ।'' (୨ୟ କରିନ୍ଥୀ ୫:୧୦) । ୧ମ ତୀମଥି ୨:୪ ଓ ୨ ପିତର ୩:୯ ପଦରୁ ପରମେଶ୍ୱର ପ୍ରତ୍ୟେକ ମନୁଷ୍ୟଙ୍କୁ ରକ୍ଷା କରିବାକୁ ଇଚ୍ଛା କରନ୍ତି ବୋଲି ପଢ଼ିପାରୁ । ଏ ଜଗତରେ ଜନ୍ମିବା ପ୍ରତ୍ୟେକେ ମୃତ୍ୟୁ ଭୋଗି ତାହାଙ୍କ ବିଚାର ସିଂହାସନ ସମ୍ମୁଖରେ ଉଭା ହେବେ । (ଯୋହନ ୫:୨୮,୨୯, ପ୍ରେରିତ ୧୭:୩୦,୩୧ ଓ ଏବ୍ରୀ ୯:୨୭,୨୮)

ବିଚାର ଓ ବିଚାରକର୍ତ୍ତା ବିଷୟରେ ବାଇଲରେ ସାତଶହ ଥର ଲେଖାଯାଇଅଛି । ଏତଦ୍ୱାରା ଏହାର ପ୍ରାଧାନ୍ୟତା ପରିଲକ୍ଷିତ ହୁଏ । ବିଚାରଦିନ ବିଷୟକ ପ୍ରଶ୍ନଗୁଡ଼ିକର ଉତ୍ତର ଆମ୍ଭେମାନେ ଏହି ପାଠ୍ୟକ୍ରମରେ ବିଶ୍ଳେଷଣ କରିବା :-

## ବିଚାରଦିନ କେବେ ଉପସ୍ଥିତ ହେବ ?

ବିଚାରଦିନ ବିଷୟରେ ଇତିହାସର ପ୍ରତ୍ୟେକ ଯୁଗରେ ମନୁଷ୍ୟମାନେ ଦାବୀ କରି ଆସୁଅଛନ୍ତି । କିନ୍ତୁ ବାକ୍ୟ କହେ, ବିଚାର ଦିନ ବିଷୟରେ ସ୍ୱର୍ଗସ୍ଥ ଦୂତଗଣ କିମ୍ବା ମନୁଷ୍ୟପୁତ୍ର ଆପେ ଜ୍ଞାତ ନୁହଁନ୍ତି । (ମାର୍କ ୧୩:୩୨-୩୭) ସେ ଏକ ''ଚୋର ପରି ଉପସ୍ଥିତ'' ହେବେ । (୨ୟ ପିତର ୩:୧୦) । ଆପଣଙ୍କ ଘରକୁ ଚୋର ଚୋରି କରିବ ବୋଲି ସତର୍କ କରେ ନାହିଁ । ଆପଣ ନିଃଶ୍ଚିତ ଥିବା ସମୟରେ ଚୋର ଚୋରି କରିବ । ଠିକ୍ ସେହିପରି ବିଚାର ଦିନ ବିଷୟରେ କୌଣସି ମନୁଷ୍ୟ ଜ୍ଞାତ ନୁହଁନ୍ତି ।

## ବିଚାରଦିନରେ କ'ଣ ଘଟିବ ?

ସର୍ବପ୍ରଥମେ, ମୃତମାନେ ଉତ୍ଥିତ ହେବେ ଏବଂ ଜୀବିତ ମାନେ ପରିବର୍ତ୍ତିତ ହେବେ । ଯୀଶୁ କହିଲେ, ''ଏଥିରେ ଚମତ୍କୃତ ହୁଅ ନାହିଁ, କାରଣ ଯେଉଁ ସମୟରେ ସମାଧିସ୍ଥ ସମସ୍ତେ ତାହାଙ୍କ ସ୍ୱର ଶୁଣିବେ, ଏବଂ ଯେଉଁମାନେ ସତ୍‌କର୍ମ କରିଅଛନ୍ତି, ସେମାନେ ଜୀବନର ପୁନଃରୁତ୍ଥାନ ନିମନ୍ତେ ଓ ଯେଉଁମାନେ ଅସତ୍‌କର୍ମ କରିଅଛନ୍ତି, ସେମାନେ ଦଣ୍ଡର ପୁନଃରୁତ୍ଥାନ ନିମନ୍ତେ ବାହାର ହୋଇ ଆସିବେ, ଏପରି ସମୟ ଆସୁଅଛି ।'' (ଯୋହନ ୫:୨୮,୨୯) ।

ପ୍ରେରିତ ପାଉଲ ଲେଖନ୍ତି,"ହେ, ଭାଇମାନେ ମୁଁ ଏହା କହୁଅଛି, ରକ୍ତମାଂସ ଈଶ୍ୱରଙ୍କ ରାଜ୍ୟ ଅଧିକାର କରିପାରେ ନାହିଁ, କିମ୍ବା କ୍ଷୟ ଅକ୍ଷୟତାକୁ ଅଧିକାର କରେ ନାହିଁ । ଦେଖ, ମୁଁ ତୁମ୍ଭମାନଙ୍କୁ ଗୋଟିଏ ନିଗୁଢ଼ କଥା କହୁଅଛି, ଆମ୍ଭେମାନେ ସମସ୍ତେ ମହାନିଦ୍ରାପ୍ରାପ୍ତ ହେବା ନାହିଁ, କିନ୍ତୁ ଏକ ମୁହୂର୍ତ୍ତରେ, ଚକ୍ଷୁର ପଲକରେ, ଶେଷ ତୂରୀଧ୍ୱନୀରେ ଆମ୍ଭେମାନେ ସମସ୍ତେ ପରିବର୍ତ୍ତିତ ହେବା, କାରଣ ତୂରୀ ବାଜିବ, ଆଉ ମୃତମାନେ ଅକ୍ଷୟ ହୋଇ ଉତ୍‌ଥିତ ହେବେ, ପୁଣି ଆମ୍ଭେମାନେ ପରିବର୍ତ୍ତିତ ହେବା । କାରଣ ଏହି କ୍ଷୟ ଶରୀରକୁ ଅକ୍ଷୟତାରୂପକ ବସ୍ତ୍ର ପରିଧାନ କରିବାକୁ ହେବ, ଆଉ ଏହି ମର୍ତ୍ତ୍ୟ ଶରୀରକୁ ଅମରତାରୂପ ବସ୍ତ୍ର ପରିଧାନ କରିବାକୁ ହେବ ।" (୧ମ କରିନ୍ଥୀ ୧୫:୫୦-୫୩) ।

ଦ୍ୱିତୀୟ, ପ୍ରତ୍ୟେକେ ବିଚାରିତ ହେବେ, "ଅତଏବ, ଆମ୍ଭମାନଙ୍କର ପ୍ରତ୍ୟେକ ଜଣକୁ ଈଶ୍ୱରଙ୍କ ଛାମୁରେ ନିଜ ନିଜର ହିସାବ ଦେବାକୁ ହେବ ।" (ରୋମୀୟ ୧୪:୧୨) । ଆମ୍ଭେ ଖ୍ରୀଷ୍ଟଙ୍କ ବ୍ୟକ୍ତ ବାକ୍ୟଗୁଡ଼ିକ ଦ୍ୱାରା ବିଚାରିତ ହେବା । (ରୋମ ୧୪:୧୨, ରୋମୀୟ ୨:୧୬) । ପରମେଶ୍ୱରଙ୍କ ବିଚାରରେ ପକ୍ଷପାତ ନାହିଁ। (ରୋମୀୟ ୨:୫-୧୧, କଲସୀ ୩:୨୫, ପ୍ରେରିତ ୧୦:୩୪-୩୫) ।

## ଆମ୍ଭେମାନେ ବିଚାରଦିନ ନିମନ୍ତେ କିପରି ପ୍ରସ୍ତୁତ ହେଉଅଛୁ ?

ପରମେଶ୍ୱରଙ୍କ ପ୍ରତ୍ୟେକ ଆଜ୍ଞା ଆମ୍ଭେମାନେ ପାଳନ କରିବା ଆବଶ୍ୟକ (ମାଥିଉ ୭:୧୩,୧୪, ୨୧-୨୭, ଯୋହନ ୫:୩, ଏବ୍ରୀ ୫:୮,୯) । ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ସନ୍ତାନ ରୂପେ ବିଶ୍ୱାସ କରି (ଏବ୍ରୀ ୧୧:୬, ଯୋହନ ୮:୨୪, ଆପଣା ଆପଣା ପାପରୁ ମନ ପରିବର୍ତ୍ତନ କରି (ପ୍ରେରିତ ୧୭:୩୦), ଖ୍ରୀଷ୍ଟଙ୍କ ଠାରେ ଆପଣା ବିଶ୍ୱାସ ସ୍ୱୀକାର କରି (ରୋମୀୟ ୧୦:୯,୧୦) ପାପକ୍ଷମା ନିମନ୍ତେ ବାପ୍ତିଜିତ ହେବା ଆବଶ୍ୟକ (ପ୍ରେରିତ ୨୨:୧୬ ଓ ଗାଲାତୀ ୩:୨୬,୨୭) ।

ଖ୍ରୀଷ୍ଟିୟାନ ହେବା ପରେ ବିଶ୍ୱସ୍ତ ଜୀବନଯାପନ କରି ପରମେଶ୍ୱରଙ୍କ ପରିଚର୍ଯ୍ୟାରେ ଆଗେଇ ଯିବା । ଆତ୍ମା ଓ ସତ୍ୟତାରେ ପରମେଶ୍ୱରଙ୍କ ଉପାସନା କରିବା (ଯୋହନ ୪:୨୪), ବାକ୍ୟ ଧ୍ୟାନ କରିବା (୧ମ ପିତର ୨:୨, ୨ ତୀମଥି ୨:୧୫) ପ୍ରାର୍ଥନା କରିବା (ଯାକୁବ ୫:୧୬, ଫିଲିପ ୪:୬,୭), ପବିତ୍ର ଜୀବନଯାପନ କରିବା (ରୋମୀୟ ୧୨:୧,୨, ତିତସ ୨:୧୧,୧୨, ୧ମ ଯୋହନ ୨:୧୫-୧୭), ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ ଶିକ୍ଷା ଦେବା (ପ୍ରେରିତ ୮:୧-୪, ୨ ତୀମଥି ୨:୨) ଦ୍ୱାରା ଆମ୍ଭେମାନେ ଆତ୍ମିକ ଭାବେ ବୃଦ୍ଧି ପାଇପାରିବା । ଏହିପରିଭାବେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଆଗମନ ନିମନ୍ତେ ଆପଣାକୁ ପ୍ରସ୍ତୁତ କରିଥାଉଁ ।

ଆସ ଆମ୍ଭେମାନେ ଆଗାମୀ ବିଚାରଦିନ ବିଷୟରେ ଅନ୍ୟମାନଙ୍କୁ ପ୍ରସ୍ତୁତ ହେବା ନିମନ୍ତେ ସତର୍କ କରୁ । ଜ୍ଞାନୀ ଶଲୋମନ କହନ୍ତି,"ତୁମ୍ଭେ କାଲିର ବିଷୟରେ ଦର୍ପ କଥା କୁହ ନାହିଁ। ଯେହେତୁ ଏକ ଦିନ କ'ଣ ଉତ୍ପାଦନ, ତାହା ତୁମ୍ଭକୁ ଜଣା ନାହିଁ ।" (ହିତ ୨୭:୧)

ଆପଣ କି ବିଚାର ଦିନ ନିମନ୍ତେ ପ୍ରସ୍ତୁତ ଅଛନ୍ତି ?

## THE TWO BUILDERS

Matthew 7 : 24-27

**INTRODUCTION :**

1. When one begins to build a house, the first thing is to dig down to build on a solid foundation.
2. How much the more should we do this in connection with our spiritual building.
3. Jesus illustrates this in the story of the two builders.

**DISCUSSION :**

I. The wise man.
2. Obeyed the Lord.
3. A wise man.
4. Built upon a rock.
5. Wind, rain, etc., could not move it.

**II. THE FOOLISH MAN.**

1. Heard the truth.
2. Didn't obey the Lord.
3. A foolish man.
4. Built upon the sand.
5. His house fell.

**III COMPARE THE TWO MEN.**

1. Both heard the word of God.
2. One obeyed and the other didn't.
3. One was wise and one foolish.
4. Both built but one on a rock and the other on the sand.
5. One house stood and the other fell.

## CONCULUSION :

1. What are you building upon ?
2. Should dig down below everything else and build upon Christ, the sure foundation. (1 Corinthians 3 : 11).
3. Only those on Christ (by doing his will) will be able to stand in the last day.

From:
SATYA VANI
P.O. BOX 80,
KAKINADA - 533 001

Printed Book Only

To

(FOR PRIVATE CIRCULATION ONLY)